ଚୂଡ଼ାନ୍ତ ପ୍ରକାଶନ
ପଞ୍ଚାୟତ ସମିତି ଅଧ୍ୟକ୍ଷ
ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନ- ୨୦୨୨

# ଜିଲ୍ଲାପାଳଙ୍କକାର୍ଯ୍ୟାଳୟ,ଦେବଗଡ

## (ଗ୍ରାମ ପଞ୍ଚାୟତ ବିଭାଗ)

## ଅଧିସୂଚନା

ନଂ. ୧୭ /ଗ୍ରା.ପ. ତାରିଖ ୪.୦୧.୨୦୨୨

ଓଡ଼ିଶା ପଞ୍ଚାୟତ ସମିତି ଆଇନ, 1959 ର ଧାରା 16 (3-a ) (iii)ଏବଂ ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, 1991 ର ନିୟମ 7 ଅନୁଯାୟୀ ଅର୍ପିତ କ୍ଷମତା ବଳରେ ଏତଦ୍ୱାର ପୂର୍ବୋକ୍ତ ଅଧିନିୟମ ଓ ତଦଧୀନ ପ୍ରଣିତ ବ୍ୟବସ୍ଥା ଅନୁଯାୟୀ ଦେବଗଡ ଜିଲ୍ଲା ଅନ୍ତର୍ଗତ ପ୍ରତ୍ୟେକ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପାଇଁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳା ମାନଙ୍କ ପାଇଁ ସଂରକ୍ଷଣ କରିବା ନିମନ୍ତେ ପ୍ରସ୍ତାବ କରି ତାହାର ଏକକିତା ନକଲ ଅଧିସୂଚନା ତା ୨୭.୧୨.୨୦୨୧ ରେ ନିର୍ଦ୍ଧାରିତ ଫର୍ମ ସହିତ ଫର୍ମ ନଂ.20 ରେ ପ୍ରକାଶ କରି ସର୍ବସାଧାରଣଙ୍କ ଠାରୁ ଆପତ୍ତି/ ପରାମର୍ଶ ଗ୍ରହଣ କରାଯାଇଥିଲା।

ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ମିଳିଥିବା ସମସ୍ତ ଆପତ୍ତି ଓ ପରାମର୍ଶଗୁଡିକୁ ବିଚାର କରି ପୂର୍ବୋକ୍ତ ଅଧିନିୟମ/ ନିୟମାବଳୀ ଏବଂ ତଦପ୍ରଣିତ କ୍ଷମତା ବଳରେ ଦେବଗଡ ଜିଲ୍ଲା ଅନ୍ତର୍ଗତ ତିଳେଇବଣି, ବାରକୋଟ ଓ ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପାଇଁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳା ମାନଙ୍କ ପାଇଁ ସଂରକ୍ଷଣ କରି ଚୂଡ଼ାନ୍ତ ତାଲିକା ନିମ୍ନମତେ ପ୍ରକାଶନ କରାଗଲା ।

| କ୍ର.ସଂ. | ପଞ୍ଚାୟତସମିତିର ନାମ | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳା ନିମନ୍ତେ ସଂରକ୍ଷଣ | ମନ୍ତବ୍ୟ |
|---|---|---|---|
| ୧ | ୨ | ୩ | ୪ |
| ୧ | ତିଳେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷ | ଅନୁସୂଚିତ ଜନଜାତି ମହିଳା | |
| ୨ | ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷ | ମହିଳା | |
| ୩ | ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ | ଅଣସଂରକ୍ଷିତ | |

ଜିଲ୍ଲାପାଳ, ଦେବଗଡ
ଜିଲ୍ଲାପାଳ ଦେବଗଡ

ପରିପତ୍ର ସଂଖ୍ୟା ୧୮ /ଗ୍ରା.ପ. ତାରିଖ ୪.୦୧.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୋଟିସ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ପ୍ରକଳ୍ପନିର୍ଦ୍ଦେଶକ, ଜିଲ୍ଲାଗ୍ରାମ୍ୟଉନ୍ନୟନସଂସ୍ଥା, ଦେବଗଡ/ ପ୍ରକଳ୍ପ ପ୍ରସାଶକ, ସମନ୍ୱିତଆଦିବାସୀଉନ୍ନୟନସଂସ୍ଥା, ଦେବଗଡ/ ଉପ-ଜିଲ୍ଲାପାଳ, ଦେବଗଡ/ ଗୋଷ୍ଠୀଉନ୍ନୟନଅଧିକାରୀ, ବାରକୋଟ/ ରିଆମାଳ/ ତିଳେଇବଣି/ ତହସିଲଦାର, ଦେବଗଡ/ ବାରକୋଟ/ରିଆମାଳ ଏବଂ ସମସ୍ତ ସରପଞ୍ଚଙ୍କ ଅବଗତି ଓ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ଠାରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।

ଜିଲ୍ଲାପାଳ, ଦେବଗଡ

ପରିପତ୍ର ସଂଖ୍ୟା ୧୯ /ଗ୍ରା.ପ. ତାରିଖ ୪.୦୧.୨୦୨୨
ଜିଲ୍ଲାପାଳ ଦେବଗଡ

ଏହାର ଏକକିତା ନକଲ କମିଶନର ତଥା ସଚିବ, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା, ଭୁବନେଶ୍ବରଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ଦେବଗଡ

ପରିପତ୍ର ସଂଖ୍ୟା ୨୦ /ଗ୍ରା.ପ. ତାରିଖ ୪.୦୧.୨୦୨୨
ଜିଲ୍ଲାପାଳ ଦେବଗଡ

ଏହାର ଏକକିତା ନକଲ ସଚିବ, ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା, ଭୁବନେଶ୍ବରଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ଦେବଗଡ
ଜିଲ୍ଲାପାଳ ଦେବଗଡ